ପାଲଥି ଭେଙ୍କଟରାମାୟା ଚେଟ୍ଟି

ବନାମ

ପାଲଥି ଏନ୍. ରତନାମାଇୟା ଚେଟ୍ଟୀ ଏବଂ ଅନ୍ୟମାନେ

ଫେବୃଆରୀ 2, 2007

[ଆର୍.ଭି. ରଭୀନ୍ଦ୍ରନ ଏବଂ ଦଲବୀର ଭଣ୍ଡାରୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅନ୍ତରୀଣ ଆଦେଶ:ବିଭାଜନ ମକଦ୍ଦମାରେ ଅନ୍ତିମ ଡିକ୍ରିର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା - ବାଣିଜ୍ୟିକ କୋଠାର ବିଭାଜନ ପାଇଁ ମକଦ୍ଦମା -ଅନ୍ତିମ ଡିକ୍ରି ପାରିତ ହେଲା-ଏହା ବିରୁଦ୍ଧରେ ଅପିଲ - ଆବେଦନ ବିଚାରାଧୀନ ଥିବା ସମୟରେ ଚୂଡ଼ାନ୍ତ ଡିକ୍ରିର କାର୍ଯ୍ୟାନ୍ୱୟନ ଉପରେ ସ୍ଥଗିତାଦେଶ ଦାବି କରାଯାଇଛି-ଉଚ୍ଚ ନ୍ୟାୟାଳୟ ଆବେଦନକୁ ଚୂଡ଼ାନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ କୋଠା ଭାଙ୍ଗିବା ଉପରେ ରୋକ ଲଗାଇଛନ୍ତି -ନିର୍ଣ୍ଣୟ ହେଲା, ଯେହେତୁ ଆବେଦନକାରୀ ମକଦ୍ଦମାଭୁକ୍ତ ପରିସରରେ ଏକ ଲଜ୍ ଚଳାଉଛନ୍ତି, ଯଦି ବେଦଖଲ ଉପରେ ସ୍ଥଗିତାଦେଶ ମଞ୍ଜୁର ନହୁଏ, ତେବେ ତାଙ୍କର ଆବେଦନ ଫଳପ୍ରଦ ହେବ ନାହିଁ-କିନ୍ତୁ ଏଥି ସହିତ ଉତ୍ତରଦାତାଙ୍କ ସ୍ୱାର୍ଥ ମଧ୍ୟ ସୁରକ୍ଷିତ ରହିବା ଆବଶ୍ୟକ -ତେଣୁ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଏହି ପରିପ୍ରେକ୍ଷୀରେ ପରିବର୍ତ୍ତନ କରାଯାଇଛି ଯେ ଆବେଦନ ବିଚାରାଧୀନ ଥିବା ସମୟରେ ଆବେଦନକାରୀ ଉତ୍ତରଦାତାଙ୍କୁ ମାସିକ 25,000/- ଟଙ୍କା ଦେବାର ସର୍ତ୍ତ ଉପରେ ଆବେଦନକାରୀଙ୍କ ବେଦଖଲ ଉପରେ ସ୍ଥଗିତାଦେଶ ରହିବ-ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଶୀଘ୍ର ଫଏସଲା କରିବେ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 444/2007 ।

ଏ.ଏସ୍. ନଂ. 454/2006ରେ ଏ.ଏସ୍.ଏମ୍.ପି. ନଂ. 1555/2006ରେ ହାଇଦ୍ରାବାଦସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର 1.9.2006 ତାରିଖର ଅନ୍ତରୀଣ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏଲ୍. ନାଗେଶ୍ୱର ରାଓ, ଭି. ଶ୍ରୀଧର ରେଡ୍ଡୀ ଏବଂ କେ. ଭି. କାମେଶ୍ୱରନ ।

ଉତ୍ତରଦାତାମାନଙ୍କ ପାଇଁ ଏ. ସୁବ୍ବା ରାଓ ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା

**ଆଦେଶ**

1. ବିଳମ୍ବକୁ କ୍ଷମା କରାଗଲା ।

2. ଅନୁମତି ପ୍ରଦାନ କରାଗଲା ।

3. ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ପ୍ରଥମ ଉତ୍ତରଦାତା ହେଉଛନ୍ତି ଏକମାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉତ୍ତରଦାତା ଏବଂ ପ୍ରାର୍ଥନା କରିଥିଲେ ଯେ 2 ରୁ 8 ନମ୍ବର ଉତ୍ତରଦାତାଙ୍କୁ, ଯେଉଁମାନେ ଔପଚାରିକ ଉତ୍ତରଦାତା ଅଟନ୍ତି, ନୋଟିସ୍ ପ୍ରଦାନରୁ ମୁକ୍ତ କରାଯାଉ । ଉତ୍ତରଦାତା 2 ରୁ 8 ଙ୍କୁ ସେହି ଅନୁଯାୟୀ ନୋଟିସ ପ୍ରଦାନରୁ ମୁକ୍ତ କରାଗଲା ।

4. ଉଚ୍ଚ ନ୍ୟାୟାଳୟଙ୍କ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶରୁ ଏହି ଆବେଦନ ଉତ୍ପନ୍ନ ହୋଇଛି । ଏଠାରେ ଆବେଦନକାରୀ ବିଭାଜନ ପାଇଁ ଏକ ମକଦ୍ଦମାରେ ପ୍ରଦତ୍ତ ଅନ୍ତିମ ଡିକ୍ରି ବିରୁଦ୍ଧରେ ଏକ ଆବେଦନ ଦାୟର କରିଛନ୍ତି । ଉକ୍ତ ଆବେଦନରେ, ସେ ଅନ୍ତିମ ଡିକ୍ରିର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ, ଯେଉଁଥିରେ ଏକ ବାଣିଜ୍ୟିକ କୋଠାର ବିଭାଜନ ଆବଶ୍ୟକ ଥିଲା ଯାହା ଆବେଦନକାରୀ ଦଖଲରେ ଅଛି ଯିଏ ସେଠାରେ ଏକ ଲଜ୍ ଚଳାଉଛନ୍ତି । ଉଚ୍ଚ ନ୍ୟାୟାଳୟ, ଆବେଦନକାରୀ ଦ୍ୱାରା ଦାଖଲ କରାଯାଇଥିବା ସ୍ଥଗିତାଦେଶ ଆବେଦନ ଉପରେ ବିଚାର କରିଥିଲେ ଏବଂ 1.9.2006 ତାରିଖ ବିଶିଷ୍ଟ ଏକ ଆଦେଶ ଜାରି କରି ନିର୍ଦ୍ଦେଶ ଦେଇଥିଲେ ଯେ ଏହି ଆବେଦନକୁ ଦଶହରା ଛୁଟି ପରେ ଚୂଡ଼ାନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବ ଏବଂ ସେପର୍ଯ୍ୟନ୍ତ କୋଠାଟି ଭଙ୍ଗାଯିବ ନାହିଁ ।

5. ଉକ୍ତ ଆଦେଶକୁ ଆପତ୍ତି କରାଯାଇଛି । ଆବେଦନକାରୀଙ୍କ ବିଜ୍ଞ ଓକିଲ ଉପସ୍ଥାପନ କରିଛନ୍ତି ଯେ ସେ ମକଦ୍ଦମା ପରିସରର ଦଖଲରେ ଅଛନ୍ତି ଏବଂ ତାଙ୍କ ପ୍ରାର୍ଥନା ଥିଲା ଯେ ସେ ଏକ ଲଜ୍ ଚଳାଉଥିବାରୁ ବେଦଖଲ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି ରଖାଯାଉ ଏବଂ ଅପିଲ୍ ବିଚାରାଧୀନ ଥିବା ସମୟରେ ଭଙ୍ଗାଯିବା ଉପରେ ସ୍ଥଗିତାଦେଶ ତାଙ୍କ ଅଧିକାରକୁ ସୁରକ୍ଷା ଦେବ ନାହିଁ । ଅନ୍ୟପକ୍ଷରେ, ପ୍ରଥମ ଉତ୍ତରଦାତାଙ୍କ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଆବେଦନକାରୀ ମକଦ୍ଦମା ପରିସରକୁ ଉପଭୋଗ କରୁଛନ୍ତି ଏବଂ ଯଦିଓ ପ୍ରଥମ ଉତ୍ତରଦାତା ଏଥିରେ ଦୁଇ ତୃତୀୟାଂଶ ଅଂଶ ପାଇବାକୁ ହକଦାର, ତାଙ୍କୁ ଦଖଲ ବାହାରେ ରଖାଯାଇଛି ଏବଂ ସେ ସେଥିରୁ କୌଣସି ଆୟ ମଧ୍ୟ ପାଉନାହାନ୍ତି । ଏହା ବିବାଦରେ ନାହିଁ ଯେ ଆବେଦନକାରୀ ମକଦ୍ଦମା ପରିସରରେ ଏକ ଲଜ୍ ଚଳାଉଛନ୍ତି । ଯଦି ବେଦଖଲ ଉପରେ ସ୍ଥଗିତାଦେଶ ପ୍ରଦାନ ନ କରାଯାଏ, ତେବେ ଚୂଡ଼ାନ୍ତ ଡିକ୍ରି ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଆବେଦନ ନିରର୍ଥକ ହୋଇପାରେ । କିନ୍ତୁ ଏଥି ସହିତ, ପ୍ରଥମ ଉତ୍ତରଦାତାଙ୍କ ସ୍ୱାର୍ଥ ମଧ୍ୟ ରକ୍ଷା କରାଯିବା ଆବଶ୍ୟକ । ପ୍ରଥମ ଉତ୍ତରଦାତାଙ୍କ ବିଜ୍ଞ ଓକିଲ ତାଙ୍କ ମହକିଲଙ୍କ ସର୍ବନିମ୍ନ କ୍ଷତି ମାସିକ 25, 000/- ବୋଲି ଆକଳନ କରିଛନ୍ତି ।

6. ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଯଦି ଆବେଦନକାରୀଙ୍କୁ ଆବେଦନର ବିଚାରାଧୀନତା ସମୟରେ ପ୍ରଥମ ଉତ୍ତରଦାତାଙ୍କୁ ପ୍ରତି ମାସରେ ନିଃସର୍ତ୍ତ ଭାବରେ 25,000/- ଟଙ୍କା (ପଚିଶ ହଜାର ଟଙ୍କା) ଦେବାକୁ ନିର୍ଦ୍ଦେଶ ଦିଆଯାଏ, ତେବେ ନ୍ୟାୟର ସ୍ୱାର୍ଥ ପୂରଣ ହେବ ।

7. ତଦନୁସାରେ, ଆମେ ଏହି ଆବେଦନକୁ ନିମ୍ନମତେ ଫଇସଲା କରୁଛୁ:

(i) ଉଚ୍ଚ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା 1.9.2006 ତାରିଖର ମଧ୍ୟବର୍ତ୍ତୀକାଳୀନ ଆଦେଶ ନିମ୍ନମତେ ପରିବର୍ତ୍ତିତ ହୋଇଛି: ଯଦି 1.2.2007 ରୁ ଆବେଦନକାରୀ ପ୍ରତି ମାସରେ ପ୍ରଥମ ଉତ୍ତରଦାତାଙ୍କୁ 25,000/- ଟଙ୍କା ଦେବେ, ତେବେ ଉଚ୍ଚ ନ୍ୟାୟାଳୟରେ ଆବେଦନ ବିଚାରାଧୀନ ଥିବା ସମୟରେ ଆବେଦନକାରୀଙ୍କ ବେଦଖଲ ଉପରେ ସ୍ଥଗିତାଦେଶ ରହିବ । ଯଦି ଆବେଦନକାରୀଙ୍କ ତରଫରୁ କୌଣସି ଖିଲାପ ହୁଏ, ତେବେ ସ୍ଥଗିତାଦେଶ ବାତିଲ ହେବ ।"

(ii) ଉପରେ ଉଲ୍ଲେଖିତ କୌଣସି ବିଷୟକୁ ଉଚ୍ଚ ନ୍ୟାୟାଳୟରେ ଆବେଦନର ଯୋଗ୍ୟତା କିମ୍ବା ମଧ୍ୟକାଳୀନ ଲାଭର ପରିମାଣ ଉପରେ କୌଣସି ମତାମତର ପ୍ରକାଶ ଭାବେ ଧରାଯିବ ନାହିଁ । ଆବେଦନର ବିଚାରାଧୀନତା ଭିତରେ ଏହି ଆଦେଶ ସମ୍ପୂର୍ଣ୍ଣ ଭାବେ ମଧ୍ୟବର୍ତ୍ତୀକାଳୀନ ପ୍ରକୃତିର ।

(iii) ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ପୂର୍ବରୁ ନିର୍ଦ୍ଦେଶିତ 1.9.2006 ତାରିଖର ନିର୍ଦ୍ଦେଶ ଅନୁଯାୟୀ ଆବେଦନର ଶୀଘ୍ର ଶୁଣାଣି ଏବଂ ଫଇସଲା କରନ୍ତୁ ।

(iv) ଏହି ଆବେଦନରେ ପକ୍ଷମାନେ ନିଜ ନିଜ ଖର୍ଚ୍ଚ ବହନ କରିବେ ।

ଆର୍.ପି. ଆବେଦନ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।